**ଉପକ୍ରମ :** ଜଙ୍ଗଲ ହେଉଛି ଆଦିବ ମାନବର ବାସ ସ୍ଥାନ । ବୃକ୍ଷ ସହ ଆଦିବ ମାନବ ର ରହୁଥିଲା ନିବିଡ ସମ୍ପର୍କ । ବୃକ୍ଷ ଥିଲା ତାର ଜୀବନଧାରଣ ର ମୁଖ୍ୟ ଅବଲମ୍ବନ । ଏବେବି ଜଙ୍ଗଲ ଆମ ମାନଙ୍କ ମଧ୍ୟରେ ସୃଷ୍ଟି କରେ ରୋମାଞ୍ଚକ ର ଭାବନା । ବୃକ୍ଷ ହେଉଛି ମଣିଷ ର ପ୍ରାଣ ପୋଷକ । ଆଜି ମଧ ପ୍ରଗତିଶୀଳ ରାଷ୍ଟ୍ରୀୟ ଜୀବନରେ ଅର୍ଥନୈତିକ ଦୃଷ୍ଟିକୋଣରୁ ଅରଣ୍ୟ ଏକ ମହାମୂଲ୍ୟ ସମ୍ପଦ ରୂପେ ବିବେଚିତ ହୋଇଛି । ସୁତରାଂ ଅରଣ୍ୟ ଆଉ ଅବାଂଛିତ ନୁହେଁ , ଅକଲ୍ୟାଣକର ନୁହେଁ କିମ୍ବା ତାହା ମନୁଷ୍ୟ ପଥରେ ଏକ ପ୍ରତିବନ୍ଧକ ନୁହେ । ଅରଣ୍ୟକ୍ଷୟ ର କୁପ୍ରଭାବ ହେଉଛି ସୁଦୂରପ୍ରସାରୀ । ସଭ୍ୟତା ର ଧ୍ଵଂସ ଓ ଜୀବନ ସତ୍ତା ଲୋପ ର ସତର୍କ ଘଣ୍ଟି ଶୁଣିବା ପରେ ମନୁଷ୍ୟ ବନ ସଂରକ୍ଷଣ ଓ ଧ୍ଵସ୍ତ ବନ ର ନବୀକରଣ ପାଇଁ ବୃକ୍ଷରୋପଣ ରେ ମନୋନିବେଶ କରିଛି । ବନ ନଥିବା ସ୍ଥାନ ରେ ନୂତନ ବନ ର ସୃଷ୍ଟି ହିଁ ବନୀକରଣ ବା ବୃକ୍ଷରୋପଣ । ଏହାକୁ ସଫଳ କରିବା ପାଇଁ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ରେ ସମଗ୍ର ଦେଶରେ ସାମୂହିକ ଭାବେ ଜନସାଧାରଣ ବୃକ୍ଷରୋପଣ କାର୍ଯ୍ୟକ୍ରମ ରେ ସାମିଲ ହୋଇଥାନ୍ତି । ଏହା ଆମ ଦେଶରେ ବନମହୋତ୍ସବ ନାମରେ ପରିଚିତ ।

**ବୃକ୍ଷରୋପଣ କାର୍ଯ୍ୟକ୍ରମ :** ଜଙ୍ଗଲ ଇଶ୍ୱରଙ୍କର ଅବଦାନ । ପ୍ରାକୃତିକ ଜଙ୍ଗଲ କ୍ଷୟ ଦ୍ଵାରା ସୃଷ୍ଟ ସମସ୍ୟା ର ସମାଧାନ ପାଇଁ ପ୍ରତିବର୍ଷ ଜୁଲାଇ ପ୍ରଥମ ସପ୍ତାହ ରେ ଆମ ଦେଶରେ ବନମହୋତ୍ସବ ସପ୍ତାହ ପାଳିତ ହୁଏ । ଏହି ଦିନ ନୂଆ ଗଛ ଲଗାଇବା ବିଧି । ତେଣୁ ଜଙ୍ଗଲ ବିଭାଗ ଦ୍ଵାରା ପ୍ରସ୍ତୁତ ଚାରା ବିନା ମୂଲ୍ୟରେ ବା ସ୍ୱଳ୍ପ ମୂଲ୍ୟରେ ଜନସାଧାରଣ ଙ୍କୁ ଯୋଗାଇ , ବୃକ୍ଷରୋପଣ ପ୍ରତି ଆକୃଷ୍ଟ କରାଯାଇଥାଏ । ସରକାରୀ ସ୍ତର ରେ କଟାଯାଇଥିବା ଜଙ୍ଗଲ ର ପରିପୂରଣ ପାଇଁ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ପଦକ୍ଷେପ ନିଆଯାଉଛି । ବନୀକରଣ ଦ୍ଵାରା କୃତିମ ଜଙ୍ଗଲ ସୃଷ୍ଟି ସମ୍ଭବପର ହୋଇଛି । ଏହି ବନୀକରଣ ଯୋଜନା ଗୁଡିକ ମଧ୍ୟରେ ଉପକୂଳବର୍ତ୍ତୀ ବନୀକରଣ , ପୁନଃବନୀକରଣ , ସାମାଜିକ ବନୀକରଣ , ପତିତ ଜମିର ବନୀକରଣ , ସହରାଞ୍ଚଳ ବନୀକରଣ ପ୍ରଧାନ ।

ବୃକ୍ଷରୋପଣ ପରେ ପରେ ଯତ୍ନ ର ଅଭାବ ରୁ ଚାରା , ବୃକ୍ଷ ଗାଈ ଗୋରୁ ମାନଙ୍କ ଆହରହୁଏ | ଲକ୍ଷ ଲକ୍ଷ ଟଙ୍କା ବରବାଦ ହୁଏ | ଏଥିପାଇଁ ଯତ୍ନବାନ ହେବା ଦରକାର | ଚାରାପ୍ରସ୍ତୁତି ଓ ବୃକ୍ଷରୋପଣ ନାମରେ ଦୁର୍ନୀତି କୁ ପ୍ରସୟ ଦିଆଯିବା ଉଚିତ ନୁହେଁ |

**ବୃକ୍ଷରୋପଣ ବା ବନୀକରଣ ର ଆବଶ୍ୟକତା :** ପୃଥିବୀ ରେ ପରିବେଶୀୟ ସନ୍ତୁଳନ ପାଇଁ ଜଙ୍ଗଲର ଆବଶ୍ୟକତା ରହିଛି | ବାୟୁମଣ୍ଡଳ ଜରିଆରେ ପୃଥିବୀର ତାପମାତ୍ରା କୁ ଜୀବନର ସ୍ଥାୟୀତ୍ୱ ପାଇଁ ଠିକଣା ଭାବରେ ସ୍ଥିର ରଖିବା ବ୍ୟାପାରରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ | ସୁତରାଂ ଧ୍ୱସ୍ତ ବନର ପୁନରଦ୍ଧାର ଓ ନୂତନ ବନ ସୃଷ୍ଟି ପାଇଁ ବୃକ୍ଷରୋପଣ କୁ ପ୍ରାଥମିକତା ଦିଆଯିବା ଉଚିତ | ନିୟମିତ ବୃଷ୍ଟି ବୃକ୍ଷ ମାନଙ୍କ ଯୋଗୁ ସୃଷ୍ଟି ହୋଇଥାଏ | ସମୁଦ୍ର ଉପକୂଳସ୍ଥ ଅରଣ୍ୟ ବାତ୍ୟା ନିୟନ୍ତ୍ରଣ ରେ ସାହାଯ୍ୟ କରେ | କୃଷି ର ପାଲୟିତ୍ରୀ ଜଙ୍ଗଲ | କୃଷିପାଇଁ ଉର୍ବର ମୃର୍ତ୍ତିକା , ଉପକୂଳ ଜଳବାୟୁ , ଜଳସେଚନ ପାଇଁ ଉପଯୁକ୍ତ ପରିମାଣ ର ଜଳ ଓ ସାର ଜଙ୍ଗଲ ଯୋଗାଏ | ମୃର୍ତ୍ତିକା ର ଗୁଣାତ୍ମକ ମାନର ସୁରକ୍ଷା ଦିଗରେ ଜଙ୍ଗଲ ଏକ ତାପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରେ | ଜଙ୍ଗଲରେ ବୃକ୍ଷ ମାନଙ୍କ ଉପସ୍ଥିତି ଯୋଗୁ ଭୂପୃଷ୍ଠ କୁ ଆଚ୍ଛାଦିତ କରିଥିବା ଉର୍ବର ମାଟି କୁ ପବନ ଉଡାଇ ପାରେ ନାହିଁ | ବୃକ୍ଷ ଯୋଗୁ ପରିବେଶ ସୁରକ୍ଷିତ ରହେ | ଜୀବନ ଧାରଣ ପାଇଁ ବିଶୁଦ୍ଧ ବାୟୁ ମିଳେ | ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରେ ଭାରସାମ୍ୟ ରକ୍ଷା କରି ରହେ |

**ଅରଣ୍ୟ କ୍ଷୟ ର କାରଣ :** ଜନସଂଖ୍ୟା ବୃଦ୍ଧି ଜନିତ ବାସ ଓ ଚାଷ ର ଅଭାବ କୁ ସୁଧାରିବା ନିମିତ୍ତ ମନୁଷ୍ୟ ଜଙ୍ଗଲ ଧ୍ୱଂସ ରେ ହୋଇଛି ପ୍ରବୃତ୍ତ | ପଶୁ ମାନଙ୍କର ଚାରଣ ଭୂମି ପାଇଁ ଜଙ୍ଗଲ ଉପରେ ପ୍ରବଳ ଚାପ ପଡୁଛି | ବହୁମୁଖୀ ନଦୀ ବନ୍ଧ ଯୋଜନା , ଜଳବିଦ୍ୟୁତ ଶକ୍ତି ଉତ୍ପାଦନ , ଗୃହହୀନ ବ୍ୟକ୍ତି ଙ୍କୁ ଜମି ଯୋଗାଣ , ଗୃହ ନିର୍ମାଣ ଆଦି ଜଙ୍ଗଲ ଉଚ୍ଛେଦ ର ଗୋଟିଏ ଗୋଟିଏ କାରଣ | ଶିଳ୍ପ ଓ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠାଦ୍ୱାରା ଜଙ୍ଗଲ ର ଅବକ୍ଷୟ ଘଟୁଛି | ଚୋରା କାଠ ବେପାରୀ ମାନେ ମଧ୍ୟ ଜଙ୍ଗଲ କ୍ଷୟ ର କାରଣ | ଅସାଧୁ ଜଙ୍ଗଲ ଠିକାଦାର ମାନେ ଦୁର୍ନୀତଗ୍ରସ୍ତ ଜଙ୍ଗଲ ଅଧିକାରୀ ମାନଙ୍କୁ ଆର୍ଥିକ

ଲୋଭ ଦେଖାଇ ଜଙ୍ଗଲ କାଟି ପଦା କରିଥାନ୍ତି । ଗ୍ରାମାଞ୍ଚଳ ର ଦାରିଦ୍ର ହିଁ ଜଙ୍ଗଲ ଉଚ୍ଛେଦ ର ଅନ୍ୟତମ କାରଣ । କେତେକ ଆର୍ଥିକ ଅନଟନ ଯୋଗୁ ସେମାନେ ଜଙ୍ଗଲ କାଟି ଜାଳେଣୀ ରୂପେ ବ୍ୟବହାର କରିଥାନ୍ତି । ବନ୍ୟ ଜନ୍ତୁ ଯଥା ବାଘ , ଭାଲୁ ଆଦି ହିଂସ୍ର ପଶୁ ମାନେ ଜଙ୍ଗଲର ରକ୍ଷକ । ବନ ଧ୍ୱଂସ ଯୋଗୁ ସେମାନଙ୍କ ସଂଖ୍ୟା ହ୍ରାସ ପାଇଲା ଫଳରେ କାଠ ଚୋରି ଆଦି ର ପ୍ରଭୁତ ଦିନ କୁ ଦିନ ବଢ଼ିବାରେ ଲାଗିଲା । ଆମ ଦେଶରେ କେତେକ ଅଞ୍ଚଳରେ ଆଦିବାସୀ ମାନଙ୍କର ପୋଡୁଚାଷ ମଧ୍ୟ ଅରଣ୍ୟ କ୍ଷୟ ର କାରଣ ।

**ଅରଣ୍ୟ କ୍ଷୟ ର କୁପରିଣତି :** ଅରଣ୍ୟକ୍ଷୟ ଏକ ଅପରିମାଣଦର୍ଶୀ କାର୍ଯ୍ୟ । ଏହାର ଅପକାରିତା କଳ୍ପନାତୀତ । ଜଙ୍ଗଲ କ୍ଷୟ ଦ୍ୱାରା ଜଳବାୟୁ ର ପରିବର୍ତ୍ତନ ସହ ଅନିୟମିତ ବର୍ଷା , ବନ୍ୟା , ମରୁଡି ଓ ଦୁର୍ଭିକ୍ଷ ଆଦି ହୋଇଥାଏ । ପୃଥିବୀ ର ଅନେକ ସ୍ଥାନ ଅରଣ୍ୟକ୍ଷୟ ହେତୁ ମରୁଭୂମି ରେ ପରିଣତ ହୋଇଛି । ଜାଳେଣି ଓ ଗୃହପକରଣ ପାଇଁ କାଠ ର ଅଭାବ ଘଟେ । ଜୀବନରକ୍ଷାକାରୀ ଔଷଧ ଦୁଃଷ୍ପ୍ରାପ୍ୟ ହୁଏ । ବୃକ୍ଷ ବିନା ପରିବେଶ ପ୍ରଦୂଷଣ ଦ୍ରୁତତର ହୁଏ ।

**ଉପସଂହାର :** ଜଙ୍ଗଲ ଆମର ଜାତୀୟ ସମ୍ପଦ । ପୁଣି ଏହା ଦ୍ୱାରା ଜଳବାୟୁ ଓ ପରିବେଶ ସୁରକ୍ଷିତ ହୋଇ ରହିଛି । ବନ୍ଧୁ ହିସାବରେ ଜଙ୍ଗଲ ମାନବ ସମାଜ ର ବହୁ ଉପକାର ସାଧନ କରୁଛି । ତେଣୁ ଜଙ୍ଗଲ କୁ ବ୍ୟବସାୟିକ ଉଦ୍ଦେଶ୍ୟ ରେ ଅବିଚାରିତ ଭାବେ ଉପଯୋଗ କରାଯିବ ଉଚିତ ନୁହେଁ ।

ବୃକ୍ଷ ହିଁ ଜୀବନ । ଜୀବନ ରକ୍ଷା ପାଇଁ ପ୍ରତ୍ୟକ ବ୍ୟକ୍ତି ଜୀବନରେ ଦୁଇ ତିନଟି ବୃକ୍ଷ ଲଗାଇବା ଉଚିତ ।